# ଓଡ଼ିଆ ଭାଷା ଓ ଯୋଗାଯୋଗ ଡ଼ିପ୍ଲୋମା କାର୍ଯ୍ୟକ୍ରମ

## ସତ୍ରାନ୍ତ ପରୀକ୍ଷା, ଡିସେମ୍ବର-୨୦୧୬

ପ୍ରଥମ ସେମିଷ୍ଟାର | ଦ୍ୱିତୀୟ ପତ୍ର : ବ୍ୟବହାରିକ ବ୍ୟାକରଣ

ସମୟ – **୩ ଘଣ୍ଟା** | ପୂର୍ଣ୍ଣ ସଂଖ୍ୟା -**୧୦୦**

---

ଯଥା ନିର୍ଦ୍ଦେଶ ଉତ୍ତର ଦିଅ ।

‘କ’ ବିଭାଗ

**୧. ଚାରୋଟି ପ୍ରଶ୍ନର ସଂକ୍ଷିପ୍ତ ଟିପ୍ପଣୀ ଏକଶହ ଶବ୍ଦ ମଧ୍ୟରେ ଲେଖ । (୫ x ୪ = ୨୦)**

କ) ଉଦ୍ଦେଶ୍ୟ ଓ ବିଧେୟ

ଖ) ଯୋଗ୍ୟତା

ଗ) ବିସ୍ମୟସୂଚକ ବାକ୍ୟ

ଘ) ରସକୂଲ୍ୟା

ଙ) ପ୍ରୀତିମୂଳକ ଚଉତିଶା

ଚ) ଭଜନ ଓ ଜଣାଣ

ଛ) ଉପମା ଅଳଙ୍କାର ।

‘ଖ’ ବିଭାଗ

**୨. ଯେକୌଣସି ଦୁଇଟି ପ୍ରଶ୍ନର ଉତ୍ତର ଦୁଇଶହ ପଚାଶ ଶବ୍ଦ ମଧ୍ୟରେ ଲେଖ । (୧୦x୨=୨୦)**

କ) ବାକ୍ୟକୁ କେତେ ଭାଗରେ ବିଭକ୍ତ କରାଯାଇଥାଏ ? ଏହି ବାକ୍ୟଗୁଡିକର ବୈଶିଷ୍ଟ୍ୟ ଉଦାହରଣ ସହ ବୁଝାଇ ଲେଖ ।

ଖ) ଯତିପାତ କାହାକୁ କୁହାଯାଏ ? ଏହା ଦ୍ୱାରା ଛନ୍ଦକୁ କେତେ ଭାଗରେ ବିଭକ୍ତ କରାଯାଇଥାଏ ଉଦାହରଣ

ସହ ବୁଝାଇ ଲେଖ ।

ଗ) ଭଜନ ଓ ଜଣାଣ ମଧ୍ୟରେ ଥିବା ପାର୍ଥକ୍ୟ ଉଦାହରଣ ସହ ବୁଝାଅ ।

ଘ) ଅର୍ଥାଳଙ୍କାର କାହାକୁ କୁହାଯାଏ ? କେଉଁ କେଉଁ ଅର୍ଥାଳଙ୍କାର ତୁମ ପାଠ୍ୟକ୍ରମର ଅର୍ନ୍ତଭୁକ୍ତ ? ସେଗୁଡିକର ବୈଶିଷ୍ଟ୍ୟ ଉଦାହରଣ ସହ ଦର୍ଶାଅ ।

## 'ଗ' ବିଭାଗ

## ୩. ଯେକୌଣସି ତିନୋଟି ପ୍ରଶ୍ନର ଉତ୍ତର ପାଞ୍ଚଶହ ଶବ୍ଦ ମଧ୍ୟରେ ଲେଖ । (୨୦ x ୩= ୬୦)

କ) ବାକ୍ୟ କାହାକୁ କୁହାଯାଏ ? ଏକ ସଫଳ ବାକ୍ୟ ରଚନା ନିମିତ୍ତ କେଉଁ କେଉଁ ଉପାଦାନ ଗୁଡ଼ିକର ଆବଶ୍ୟକ, ଉଦାହରଣ ସହ ଆଲୋଚନା କର ।

ଖ) ଛନ୍ଦ କାହାକୁ କୁହାଯାଏ ଓ ଏହା କେତେ ଭାଗରେ ବିଭକ୍ତ ? ଛନ୍ଦ ବିଭାଗୀକରଣର କାରଣ ଓ ବୈଶିଷ୍ଟ୍ୟ ଉଦାହରଣ ସହ ଦର୍ଶାଅ ।

ଗ) ଯେକୌଣସି ତିନୋଟି ଛନ୍ଦର ଗଠନଶୈଳୀ ଉଦାହରଣ ସହ ଲେଖ ।

ଘ) ଚଉତିଶାର ପ୍ରକାର ଭେଦ ଦର୍ଶାଇ ଉଦାହରଣ ସହ ସେଗୁଡ଼ିକର ବୈଶିଷ୍ଟ୍ୟ ଦର୍ଶାଅ ।

ଙ) ଅଳଙ୍କାର କାହାକୁ କୁହାଯାଏ ? ଏହା କେତେ ଭାଗରେ ବିଭକ୍ତ ? ଉଦାହରଣ ସହ ସେଗୁଡିକର ବୈଶିଷ୍ଟ୍ୟ ଦର୍ଶାଅ ।

ଚ) ଚମ୍ପୁ କାହାକୁ କୁହାଯାଏ ? ଏହାର ଗଠନଶୈଳୀ ସଂପର୍କରେ ଉଦାହରଣ ଦେଇ ଆଲୋଚନା କର ।

=୦=